# Akashvani, Sambalpur

## SAMBALPURI NEWS BULLETIN

### 24 January 2025- 6.47- 6.52 am.

***********************************************

ପିଏମ୍ ଆବାସ ଗ୍ରାମୀଣ I&PR

ପ୍ରଧାନ୍‌ମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜ୍‌ନାଥି ଦେଶେ ନୂଆଁ ହିତାଧିକାରୀମାନ୍‌କୁ ବାଛ୍‌ବାର୍ ଲାଗି ଆବାସ ପ୍ଲସ୍ ମୋବାଇଲ୍ ଆପ୍‌ଥି ସର୍ଭେ କାମ୍ ଆଏଜ୍‌ଠାନୁ ମୁଲ୍ ହେବା । ରାଜ୍ୟ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ପୁରୀ ଜିଲ୍ଲାର୍ ପିପିଲି ବ୍ଲକ୍ ଅର୍ଜୁନ୍‌ସିଂପୁର୍ ଗାଁ ନ ସର୍ଭେ କାମ୍‌ର ଶୁଭାରମ୍ଭ କର୍‌ବେ ।
ଇନ ଜନେଇ ଦିଆଯାଇପାରେ ଯେ, ଆବେଦନ୍‌କାରୀଙ୍କର୍ ଲାଗି ଯୋଜ୍‌ନାର୍ ନିୟମ୍‌ଥି କିଛିଟା କୋହଲ୍ କରାଯାଇଛେ । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଟୋଲ୍‌ଫ୍ରି ନମ୍ବର୍ ୦୬୭୪-୬୮୧-୭୭୭୭ ଆର୍ ବିଭାଗ୍‌ର ୱେବ୍‌ସାଇଟ୍‌ଥି ଆଶାୟୀ ହିତାଧିକାରୀମାନେ ଯୋଗାଯୋଗ କରିପାର୍‌ବେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ଶିକ୍ଷାନୀତି- କର୍ମଶାଳା ଉଦ୍‌ଯାପିତ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଜାତୀୟ ଶିକ୍ଷାନୀତି -୨୦୨୦ ଲାଗୁ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ୩ ଦିନିଆ ଜାତୀୟ କର୍ମଶାଳା ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଇଥି ଖାସ୍ କରି ପ୍ରାରମ୍ଭିକ୍ ପର୍ଯ୍ୟାୟ ଆର୍ ପ୍ରସ୍ତୁତି ପର୍ଯ୍ୟାୟ ପାଠ୍ୟଖସଡ଼ା, କ୍ଲାସ୍‌ରୁମ୍ ଶିକ୍ଷାଦାନ୍‌କେ ଗୁରୁତ୍ୱ ଦିଆଯାଇଛେ । ଇ ବାବ୍‌ଦେ ଗୁଟେ କ୍ରିୟାନୁଷ୍ଠାନ୍ ଯୋଜ୍‌ନା ଭିଲ୍ ତିଆର୍ କରାଯାଇଛେ । କର୍ମଶାଳାଥି ୧୦ ଟା ଗ୍ରୁପ୍ ଜରିଏ ଜାତୀୟ ଶିକ୍ଷାନୀତିର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରାଯାଇଛେ ।
୨୦୨୫ ଶିକ୍ଷା ବଛ୍‌ରେ ଶିଶୁ ବାଟିକା ପରିଚାଳନା ଦିଗେ ପାଠ୍ୟପୁସ୍ତକର୍ ବିକାଶ୍, ଶିକ୍ଷକ୍‌ଙ୍କର୍ ଦକ୍ଷତା ବୃଦ୍ଧି ବାଗିର୍ ବିଷେଥି ଆଲୋଚନା ହେଇଛେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ୨୭ ତାରିଖ୍ ସୋମ୍‌ବାର୍ ଦିନ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସାଧାରଣତନ୍ତ୍ର ଦିବସ ପରେଡ୍ ନିମନ୍ତ୍ରଣ   ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଯୋଗ୍‌ଦେବାର୍ ଲାଗି ରାଏଜୁ ୧୨ ଝନ୍‌କୁ ଖାସ୍ କୁନୁଆଁ ଭାବେ ନିଉତା ମିଲିଛେ । ସେମାନେ ସଭେ ରାଜ୍ୟର୍ ୯ ଟା ଜିଲ୍ଲା ସମ୍ବଲପୁର୍, ବର୍‌ଗଡ଼୍, ବଲାଙ୍ଗିର୍, ନୂଆପଡ଼ା, କଟକ୍, ନବରଙ୍ଗ୍‌ପୁର୍, କୋରାପୁଟ୍, ଗଞ୍ଜାମ୍ ଆର୍ ବାଲେଶ୍ୱର୍ ଜିଲ୍ଲାର୍ ଗ୍ରାମ୍ୟ ଜଲ୍ ପରିମଳ କମିଟିର୍ ସଦସ୍ୟ ଆନ୍ । ସମାରୋହଥି ସାମିଲ୍ ହେବାର୍ ଲାଗି ସବୁ ଅତିଥି ଦିଲ୍ଲୀ ଯାଇଥିବାର୍ କରିଥିବା ଜନାପଡ଼ିଛେ ।

ରାଜ୍ୟ ଉନ୍ନୟନ କମିଶନର୍-ଗସ୍ତ   ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଗଲାକାଏଲ୍ ସମ୍ବଲ୍‌ପୁର୍ ଆର୍ ବର୍‌ଗଡ଼୍ ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଜଲ୍‌ସେଚନ୍

ପ୍ରକଳ୍ପ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ସେ ବର୍‌ଗଡ୍ ଜିଲ୍ଲାର୍ ଗଙ୍ଗାଧର୍ ମେହେର୍ ଉଠାଜଲ୍‌ସେଚନ୍ ପ୍ରକଳ୍ପଥି ଅଏତ୍‌କା ଆୟକଟ ଅଂଚଲ୍‌କେ ଜଲ୍‌ସେଚନ୍ କରୁଥିବା ପମ୍ପ ହାଉସ୍ ମାନ୍‌କୁ ବୁଲି ଦେଖିଥିଲେ । ଇ ଅବ୍‌ସରେ ସେ କହିଛନ୍, ପ୍ରକଳ୍ପ ଜରିଏ ଆଏବା ଖରିଫ୍ ଋତୁ ନ ଅତିରିକ୍ତ ଆୟକଟର ମୋଟ୍ ୫ ହଜାର୍ ୭ ଶହ ୫୦ ହେକ୍ଟର୍ ଜମିକେ ଜଲ୍‌ସେଚନ୍ କରାଯିବା । ପାଏନ୍ ପରିଚାଳନା ପୁରାପୁରି ସ୍ୱୟଂଚାଳିତ  କରିକରି ଇ ବଛର୍ ଡାଲୁଆ ଖେଡ଼େ ୨ ହଜାର୍ ହେକ୍ଟର୍ ଜମିକେ ପରୀକ୍ଷାମୂଳକ୍ ଭାବେ ଜଲ୍‌ସେଚନ୍ କରାଯିବା ।

ସିୟୁଇଟି        ଆର୍‌ଏନ୍‌ୟୁ /ସମ୍ବଲପୁର

ସ୍ନାତକୋତର ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ସର୍ବଭାରତୀୟସ୍ତର୍‌ଥି ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା- ସିୟୁଇଟି କରାଯିବା । ଇଥିର୍‌ଲାଗି ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ୱେବ୍‌ସାଇଟ୍‌ଥି ଇହାଦେ ଆବେଦନ୍ ପ୍ରକ୍ରିୟା ଚାଲିଛେ ଆର୍ ଇଟା ଫେବୃଆରୀ ୧ ତାରିଖ୍‌ତକ୍ ଚାଲ୍‌ବା । ଫେବୃଆରୀ ୨ ଆବେଦନ୍ ଫି’ ଦାଖଲ୍ କର୍‌ବାର୍ ଶେଷ୍ ତାରିଖ୍ ରହିଛେ । ୩ ନୁ ୫ ତାରିଖ୍‌ତକ୍ ଫର୍ମ ସଂଶୋଧନ୍ ହେବା । ମାର୍ଚ୍ଚ ୧୩ ନୁ ୩୧

ତାରିଖ୍ ଭିତ୍‌ରେ ପରୀକ୍ଷା ହେବା । ଇ ବାବଦ୍ ସବୁ ସୂଚ୍‌ନା www.nta.ac.in ୱେବ୍‌ସାଇଟ୍‌ଥି ମିଲିପାର୍‌ବା ।

ଆଇଏମ୍‌ଡିର୍ ମହାନିର୍ଦ୍ଦେଶକ ଆର୍‌ଏନ୍‌ୟୁ / ସମ୍ବଲପୁର

ଭାରତୀୟ ପାଣିପାଗ ବିଜ୍ଞାନ୍ ବିଭାଗ୍- ଆଇଏମ୍‌ଡିର୍ ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଆମେରିକାନ୍ ମେଟିଓରୋଲୋଜିକାଲ୍ ସୋସାଇଟି ତର୍‌ଫୁ ଷ୍ଟାକ୍ ଆର୍ ଷ୍ଟାଣ୍ଡିଙ୍ଗ୍ ସର୍ଭିସ୍ ପୁରସ୍କାର-୨୦୨୫ ଦିଆଯାଇଛେ । ଶ୍ରୀ ମହାପାତ୍ରଙ୍କର୍ ବର୍‌କସ୍ ନେତୃତ୍ୱ ଆର୍ ସେବା ଲାଗି ଭାରତ୍ ମହାସାଗରିୟ ଅଂଚଲ୍ ନ ପାଣିପାଗ ପୂର୍ବାନୁମାନ୍ ଆର୍ ସତର୍କ ସୂଚ୍‌ନା ବ୍ୟବସ୍ଥା ଜବର୍ ହେଇପାରିଛେ । ଇଥିର୍‌ଲାଗି ଶ୍ରୀ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛେ ।

ପୁରୀ ଶ୍ରୀମନ୍ଦିର- ୱାଚ୍ ଟାୱାର ଆର୍‌ଏନ୍‌ୟୁ / କଟକ୍

ପୁରୀ ଶ୍ରୀମନ୍ଦିର୍ ବାହାରେ ୱାଚ୍ ଟାୱାର୍ ଲଗାବାର୍ ଲାଗି ରାଜ୍ୟ ସର୍‌କାର୍ ଚିନ୍ତା କରୁଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ୱାଚ୍ ଟାୱାର୍ ବସାଲେ ବେଆଇନ୍ ଡ୍ରୋନ୍ ଉଡ୍‌ବାର୍

ଉପ୍‌ରେ କଡ଼ା ନଜର୍ ରଖାଯିବାର୍ ସଙ୍ଗେ ଶ୍ରୀମନ୍ଦିର୍ ସୁରକ୍ଷିତ୍ ରହିପାର୍‌ବା । ସେନ୍ତା ଗର୍ଭଗୃହ ଫଟୋ ପ୍ରଘଟ ଘଟ୍‌ନାର୍ ତଦନ୍ତ୍ ଜାରି ରହିଛେ ଆର୍ ଦୋଷୀ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ଜାତୀୟ କନ୍ୟା ସନ୍ତାନ ଦିବସ୍/ଆନ୍ତର୍ଜାତୀୟ ଶିକ୍ଷା ଦିବସ/ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ କନ୍ୟା ସନ୍ତାନ ଦିବସ । ଟୁକେଲ୍‌ମାନ୍‌କୁ ସମାନ୍ ସୁଯୋଗ୍ ନିଶ୍ଚିତ୍ କରାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି । ଟୁକେଲ୍ ଛୁଆମାନ୍‌କୁ ସଶକ୍ତ୍ କର୍‌ବାର୍ ସହେତେ ଶିକ୍ଷା, ସ୍ୱାସ୍ଥ୍ୟନୁ ନେଇକରି ଲିଙ୍ଗଗତ ଭେଦଭାବ ଦୂର୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ୨୦୧୫ ମସିହାନୁ ବେଟି ବଚାଓ- ବେଟି ପଢ଼ାଓ କାର୍ଯ୍ୟକ୍ରମ୍ ମୁଲ୍ କରିଛନ୍ ।
ସେନ୍ତା ଆଏଜ୍ ଆନ୍ତର୍ଜାତୀୟ ଶିକ୍ଷା ଦିବସ୍ । ସମାଜ୍‌ର ଉନ୍ନତିଥି ଶିକ୍ଷାର୍ ବଡ଼ ଭୂମିକାକେ ନେଇକରି ମିଳିତ ଜାତିସଂଘ ୨୦୧୯ ମସିହାନୁ ଆନ୍ତର୍ଜାତୀୟ ଶିକ୍ଷା ଦିବସ୍ ପାଲନ୍ କରୁଛେ ।

ବକ୍ସି ଜଗବନ୍ଧୁ- ଶ୍ରାଦ୍ଧଦିବସ୍ I&PR

ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କର୍ ଆଏଜ୍ ହେଉଛେ ଶ୍ରାଦ୍ଧ ଦିବସ୍ । ଇ ଅବ୍ସରେ ରାଜ୍ୟ ସୂଚ୍ନା ଲୋକସମ୍ପର୍କ ବିଭାଗ୍ ତର୍ଫୁ ସଖାଲର୍ ୮ ବଜେ ଭୁବ୍ନେଶ୍ୱର୍ର ମ୍ୟୁଜିୟମ୍ ଛକ୍ ଠାନେ ବକ୍ସି ଜଗବନ୍ଧୁଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବା । ସଞ୍ଜ୍‌ବେଲେ ୬ ବଜେ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ୍ ସଭା ହେବା । କାର୍ଯ୍ୟକ୍ରମ୍‌ଥି ମୁଖିଆ କୁନୁଆଁ ଭାବେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଯୋଗ୍ ଦେବେ ।